ଟିପ୍ପଣୀ

# ଏକକ ୧୧ ବିଦ୍ୟାଳୟ ଓ ଗୋଷ୍ଠୀର ସମ୍ବଳର ପରିଚାଳନା

ସଂରଚନା

୧୧.୦ - ଉପକ୍ରମ
୧୧.୧ - ଶିକ୍ଷଣ ଉଦ୍ଦେଶ୍ୟ
୧୧.୨ - ମାନବ ସମ୍ବଳ
୧୧.୩ - ଭୌତିକ ସମ୍ବଳ
୧୧.୪ - ଆର୍ଥିକ ସମ୍ବଳ
୧୧.୫ - ବିଦ୍ୟାଳୟ ପାଇଁ ଆୟର ଆର୍ଥିକ ଉତ୍ସ
୧୧.୬ - ସାରାଂଶ
୧୧.୭ - ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ
୧୧.୮ - ପାଠାନ୍ତ ପ୍ରଶ୍ନାବଳୀ

## ୧୧.୦ : ଉପକ୍ରମ

ଦଶମ ଏକକରେ, ତୁମେମାନେ ପରିଚାଳନାର ଉପାଦାନ ଏବଂ ସେଗୁଡ଼ିକର ନିୟମାବଳୀ (ଯୋଜନା କରିବା, ଆୟବ୍ୟୟର କଳନା କରିବା, ସଂଗଠିତ କରିବା, ନିର୍ଦ୍ଦେଶିତ କରିବା, ନିୟନ୍ତ୍ରଣ କରିବା, ସମନ୍ୱୟ, ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା) ଇତ୍ୟାଦି ବିଷୟରେ ପଢ଼ିଛ । ତୁମେ ଜାଣିଛ ଯେ ବିଦ୍ୟାଳୟ କାର୍ଯ୍ୟକ୍ରମ ଯଥା: ଶିକ୍ଷାଦାନ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡ଼ିକରେ ସଂଗଠନ ଓ ପରିଚାଳକଙ୍କର କେବଳ ଆବଶ୍ୟକତା ରହିଛି, ତା' ନୁହଁ ବରଂ ଏକ ସମୟରେ ଇପିସିତ ଫଳାଫଳ ହାସଲ ପାଇଁ ଆୟ ବ୍ୟୟର ଆକଳନ, ପାଣ୍ଠିର ଫଳପ୍ରଦ ବ୍ୟବହାରର ଉପଯୁକ୍ତ ଆବଶ୍ୟକତା ରହିଛି । ଏହି ଉଦ୍ଦେଶ୍ୟ ନିମନ୍ତେ, ଦୁଇଟି ମୁଖ୍ୟ / ଗୁରୁତ୍ୱପୂର୍ଣ୍ଣ ଉପାଦାନର ଆବଶ୍ୟକତା ରହିଛି । ଯଥା : (କ) ଦକ୍ଷ ଓ ଉତ୍ସର୍ଗୀକୃତ ମାନସିକତା ।

(ଖ) ପର୍ଯ୍ୟାପ୍ତ ଓ ସମୟ ଉପଯୋଗୀ ପାଣ୍ଠିର ଉପଲବ୍ଧତା

ଏହାର ଅର୍ଥ ହେଉଛି କେବଳ ଜଣେ ଦକ୍ଷ ଓ ଉତ୍ସର୍ଗୀକୃତ ବ୍ୟକ୍ତି ହିଁ ଅନ୍ୟକୁ ଶିକ୍ଷିତ କରିପାରିବ ଓ ଅନ୍ୟକୁ ଏହି କାର୍ଯ୍ୟନିମନ୍ତେ ତାଲିମ ଏବଂ ଅଭିପ୍ରେରିତ କରିପାରିବ । ପର୍ଯ୍ୟାପ୍ତ ଏବଂ ଉପଯୁକ୍ତ ସମୟରେ ଉପଲବ୍ଧ ଆର୍ଥିକ ସମ୍ବଳକୁ ସୁନିଶ୍ଚିତ କରିବା ନିତାନ୍ତ ଆବଶ୍ୟକ । ଏହି ଏକକରେ, ଆସ ଆମେ ବିଦ୍ୟାଳୟ ଏବଂ ଗୋଷ୍ଠୀରେ ଉପଲବ୍ଧ ସମ୍ବଳର ପରିଚାଳନା ଏବଂ ବିଦ୍ୟାଳୟର କାର୍ଯ୍ୟକ୍ରମଗୁଡ଼ିକୁ ସଂଗଠିତ କରିବା ନିମନ୍ତେ ଆୟର ଉତ୍ସଗୁଡ଼ିକୁ ଆଲୋଚନା କରିବା ।

## ୧୧. ୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ପଢ଼ି ସାରିବା ପରେ ତୁମେ -

- ବିଭିନ୍ନ ପ୍ରକାରର ସମ୍ବଳକୁ ପ୍ରଭେଦୀକରଣ କରିପାରିବ, ଯଥା:- ମାନବୀୟ, ଭୌତିକ ଏବଂ ଆର୍ଥିକ ସମ୍ବଳ (ବିଦ୍ୟାଳୟ ପରିଚାଳନା ପାଇଁ)
- ବିଦ୍ୟାଳୟ ପରିଚାଳନା ପାଇଁ ବିଭିନ୍ନ ଆର୍ଥିକ ସମ୍ବଳକୁ ବିଭାଗୀକରଣ କରିପାରିବ -
  (କ) ସରକାରୀ
  (ଖ) ଅନ୍ୟାନ୍ୟ ସଂସ୍ଥା

ଟିପ୍ପଣୀ

(ଗ) ସ୍ଥାନୀୟ ସଂସ୍ଥା

(ଘ) ସମାଜରୁ ସ୍ୱଇଚ୍ଛା ପୂର୍ବକ ଦାନ

(ଙ) ଦାନରୁ ପ୍ରାପ୍ତଆୟ

(ଚ) ସଞ୍ଚୟ

(ଛ) ପରୀକ୍ଷା ଫିସ୍

(ଜ) ଅନ୍ୟାନ୍ୟ ଫିସ୍

- ♦ ବିଭିନ୍ନ ପ୍ରକାର ବିଦ୍ୟାଳୟ ପରିଚାଳନା ଯଥା ସରକାରୀ ସାହାଯ୍ୟ ପ୍ରାପ୍ତ ଏବଂ ସରକାରୀ ଅଣ ଅନୁଦାନ ପ୍ରାପ୍ତ ସହିତ ଆୟର ପ୍ରତ୍ୟେକ ଉତ୍ସର ତୁଳନାତ୍ମକ ଗୁରୁତ୍ୱର ବିଶ୍ଳେଷଣ କରିପାରିବ
- ♦ ବିଦ୍ୟାଳୟ ବିକାଶ ପାଇଁ ସମ୍ବଳ ସଂଗଠନ ଓ ପରିଚାଳନାରେ ଗୋଷ୍ଠୀର ଭୂମିକା ବର୍ଣ୍ଣନା କରିପାରିବ ।

**୧୧.୨:- ମାନବୀୟ ସମ୍ବଳ**

ଗ୍ରାମର ଶସ୍ୟ ଉତ୍ପାଦନ କରୁଥିବା କୃଷକ ବିଷୟରେ ଟିକିଏ ଚିନ୍ତାକର । ସେମାନେ ହେଉଛନ୍ତି ପ୍ରକୃତିରେ ମାନବୀୟ ସମ୍ବଳ କାରଣ ସେମାନେ କ୍ଷେତରେ କୃଷି କରି ଶସ୍ୟ ଉତ୍ପାଦନ କରିବା ମଧ୍ୟ ଏକ ଉତ୍ପାଦନ ପ୍ରକ୍ରିୟା ଅଟେ । ଯଥା : (କ) ହଳ କରି ଜମି / କ୍ଷେତକୁ ପ୍ରସ୍ତୁତ କରିବା (ଖ) ଘାସ ବାଛି ସଫାକରିବା (ଗ) ବିହନ ବୁଣିବା (ଘ) ଜଳସେଚନ କରିବା (ଙ) ସାର ପ୍ରୟୋଗ କରିବା (ଚ) ଶସ୍ୟକୁ ବିଭିନ୍ନ ରୋଗରୁ ରକ୍ଷାନିମନ୍ତେ କୀଟନାଶକ ସାର ପ୍ରୟୋଗ କରିବା (ଛ) ଶସ୍ୟ ଅମଳ କରିବା (ଜ) ଉତ୍ପାଦିତ ଶସ୍ୟକୁ ଗଚ୍ଛିତ କରିରଖିବା ଇତ୍ୟାଦି । ଏହି ସବୁ ଉତ୍ପାଦନ - ପ୍ରକ୍ରିୟା ମାନବୀୟ ପ୍ରଚେଷ୍ଟା,ଶସ୍ୟ - ଉତ୍ପାଦନ ସମ୍ବନ୍ଧୀୟ ଜ୍ଞାନ - କୌଶଳ, ପାରିବାରିକ ଶ୍ରମକୁ ସଂଗଠନ କିମ୍ବା ଉଡାଟିଆଲୋକଙ୍କୁ କୃଷକ ଭାବେ, କାର୍ଯ୍ୟରେ ଲଗାଇବା ବିଭିନ୍ନ ପ୍ରସ୍ତୁତ ପ୍ରକ୍ରିୟା, କୀଟନାଶକ ସାର ଓ ଔଷଧ, ଜଳସେଚନ ପରିଚାଳନା, ଶସ୍ୟ ଉତ୍ପାଦନ ପାଇଁ ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦିର ଆବଶ୍ୟକତା ରହିଛି । ଯଦି ଶସ୍ୟ ଉତ୍ପାଦନରେ କ୍ଷତି ହୁଏ ତେବେ ସେମାନେ ଶସ୍ୟ - ଉତ୍ପାଦନରେ ଉପଯୋଗ ଅର୍ଥର ଭରଣା କରିବାରେ ବିଫଳ ହୋଇ ଶଙ୍କାଗ୍ରସ୍ତ ହୁଅନ୍ତି । ଶସ୍ୟ ଉତ୍ପାଦନ ନିମନ୍ତେ ଜ୍ଞାନ ଓ କୌଶଳ ମାନବୀୟ ସମ୍ବଳ ଭାବେ ବିବେଚନା କରାଯାଏ । କୌଣସି ଭୂଲ୍ ନିଷ୍ପତ୍ତି, ଅବହେଳା କୃଷକର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିଦିଏ । ଏହି କ୍ଷେତ୍ରରେ ପ୍ରକୃତିମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ଯାହାକି ମଣିଷର ଆୟତ୍ତ ବାହାରେଥାଏ । ଯାହା ବି ହେଉ, ଗୋଷ୍ଠୀ, ସମାଜ ଏବଂ ଦେଶର ଆୟ ଏବଂ ଅର୍ଥନୈତିକ ବୃଦ୍ଧି ନିମନ୍ତେ ମାନବ ସମ୍ବଳ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ମଧ୍ୟ କିଛି ମାତ୍ରାରେ ବିଦ୍ୟାଳୟ ନିମନ୍ତେ ପ୍ରୟୋଗ କରାଯାଇପାରେ । ଏଠାରେ ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟିଙ୍କର ପ୍ରଚେଷ୍ଟା ଓ ଉଦ୍ୟମ ଫଳରେ କୋମଳମତି ଶିଶୁଟି ଶିକ୍ଷିତ ଓ ଦକ୍ଷ ଭାବେ ନିଜକୁ ପ୍ରତିଷ୍ଠିତ କରି ନିଜର ତଥା ନିଜ ପରିବାର ଉତ୍ତମ ଜୀବନ ଧାରଣ ନିମନ୍ତେ ସକ୍ଷମ ହୋଇ ଦେଶର ଆୟବୃଦ୍ଧି ନିମନ୍ତେ ନିଜର ଅବଦାନ ଉଲ୍ଲେଖ ଯୋଗ୍ୟ ଅଟେ । କିନ୍ତୁ ବିଦ୍ୟାଳୟ କ୍ଷେତ୍ରରେ ବିଫଳତା ନିମନ୍ତେ କୌଣସି କ୍ଷତିର ଭରଣା କରିବାକୁ ପଡିନଥାଏ । ଶିକ୍ଷକମାନେ ହେଉଛନ୍ତି ସରକାରୀ କର୍ମଚାରୀ, ସେମାନଙ୍କ ନିମନ୍ତେ ପାଉଣାର ବ୍ୟବସ୍ଥା ହୋଇଥାଏ । ଏବଂ ସେମାନଙ୍କର ଆର୍ଥିକ କ୍ଷତିର ଆଶଙ୍କା କୃଷକମାନଙ୍କ ଭଳି ନଥାଏ । ଯଦି କୃଷକର ଅମଳ/ ଶସ୍ୟ ଉତ୍ପାଦନ ଲାଭଜନକ ନହୁଏ ତେବେ ସେ କୃଷି କ୍ଷେତ୍ରରେ ଲଗାଇଥିବା ଅର୍ଥ / ପୁଞ୍ଜିର କ୍ଷତି ଘଟେ, ଯାହାକି ଶିକ୍ଷକମାନଙ୍କ କ୍ଷେତ୍ରରେ ଘଟିନଥାଏ ।

ବର୍ତ୍ତମାନ ତୁମେମାନେ ଏଭଳି/ ଏହିପରି ଅନ୍ୟ କୌଣସି ବୃତ୍ତି ସମ୍ବନ୍ଧୀୟ ଉଦାହରଣ ଉଦ୍ଧୃତ କରିପାରିବ କି ଯାହାକି ମାନବୀୟ ସମ୍ବଳର ଧାରଣାକୁ ବୁଝିବାରେ ସମର୍ଥ ହୋଇପାରିବ । ନିମ୍ନରେ ତୁମ ପାଇଁ କିଛି ସ୍ଥାନ ଦିଆଯାଇଛି, ଯାହାକି ତୁମେମାନେ ଏହିଭଳି ଉଦାହରଣ ସବୁ ନିମ୍ନରେ ଉଲ୍ଲେଖ କରିପାରିବ ? ଗୋଟିଏ ଉଦାହରଣ ତୁମ ପାଇଁ ଦିଆଯାଇଛି ।

ଟିପ୍ପଣୀ

୧. ଦୋକାନୀ (ମିଠା ଦୋକାନୀ)

୨.

୩.

୪.

୫.

## ୧୧.୩: ଭୌତିକ ସମ୍ବଳ

ଭୂମି / ଶସ୍ୟକ୍ଷେତ୍ର, ବିହନ, କୃଷି – ଯନ୍ତ୍ରପାତି, ବଳଦ କିମ୍ବା ଟ୍ରାକ୍ଟର ରସାୟନ ସାର ଓ ଖତ ଏବଂ କୀଟନାଶକ ବିନା କୃଷକଟିଏ କ'ଣ କରିପାରିବ ? ଏହି ସବୁ ଉଦାହରଣ ଗୁଡ଼ିକ ଭୌତିକ ସମ୍ବଳର ଉଦାହରଣ ଅଟେ ଯାହାକି ଶସ୍ୟ ଉତ୍ପାଦନ ନିମିତ୍ତ କୃଷକକୁ ସହାୟତା ପ୍ରଦାନ କରିଥାଏ । ଅର୍ଥନୀତିକମାନେ ଏହି ସବୁ ଭୌତିକ ସମ୍ବଳକୁ ଶସ୍ୟ ଉତ୍ପାଦନ ନିମିତ୍ତ ନିବେଶ ଭାବେ ନାମିତ କରିଥାନ୍ତି ।

ଅନ୍ୟାନ୍ୟ ଦ୍ରବ୍ୟ ଏବଂ ସେବା ଉତ୍ପନ୍ନ କ୍ଷେତ୍ରରେ ଆମେ ଏହି ନିବେଶକୁ ମଧ୍ୟ ପ୍ରୟୋଗ କରିପାରିବା । ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, 'ମାନବ ସମ୍ବଳ' ହେଉଛି ଏକ ସକ୍ରିୟ ସମ୍ବଳ ଯାହା କି ଅନ୍ୟ ସମସ୍ତ ଦ୍ରବ୍ୟ ଏବଂ ସେବାର ପରବର୍ତ୍ତୀ ଉତ୍ପାଦନ ନିମନ୍ତେ ଉପଯୋଗ କରାଯାଇପାରେ । ଦ୍ରବ୍ୟ ଓ ସେବାର ଉତ୍ପନ୍ନ ପାଇଁ ଆଉ କେତେକ ଦ୍ରବ୍ୟ ଏବଂ ସେବାର ଉଦାହରଣ ଦିଆଯାଇଛି, ଯାହାକି ଭୌତିକ ସମ୍ବଳ ଭାବେ ବ୍ୟାଖ୍ୟା କରାଯାଇଛି ।

| ଦ୍ରବ୍ୟ ଓ ସେବାର ଉଦାହରଣ | ନିବେଶ |
|---|---|
| ୧– ବୈଦ୍ୟୁତିକ / ବିଦ୍ୟୁତ | |
| ୨– ବାରିକ ଦ୍ୱାରା କେଶକାଟିବା | |
| ୩– ଶିକ୍ଷକଙ୍କ ସେବା | |
| ୪– ପୁସ୍ତକ ପ୍ରକାଶନ ପ୍ରକାଶିତ କରିବା | |
| ୫– ରାସାୟନିକ ସାର | |

## ୧୧.୪ : ଆର୍ଥିକ ସମ୍ବଳ

ଟିପ୍ପଣୀ

ଉତ୍ପାଦିତ ସମସ୍ତ ଦ୍ରବ୍ୟ ଓ ସେବା ଟଙ୍କା / ପଇସା ଆକାରରେ ପରିଣତ ହେଲେ ତାହା ଅର୍ଥନୈତିକ ସମ୍ବଳ ଭାବେ ବିବେଚନା କରାଯାଇପାରେ । ତୁମେମାନେ ଜାଣିଛ ଯେ, ଅର୍ଥନୀତିରେ ସମସ୍ତ ଉତ୍ପାଦିତ ଦ୍ରବ୍ୟ ଓ ସେବାକୁ ବ୍ୟକ୍ତିଗତ ବ୍ୟବହାର କିମ୍ବା ବଜାରରେ ବିକ୍ରୟ ନିମନ୍ତେ ଉତ୍ପନ୍ନ କରାଯାଇଥାଏ । ଦ୍ରବ୍ୟ ଓ ସେବାର ବଳକା ଅଂଶ ବଜାରରେ ବିକ୍ରୟ ନିମନ୍ତେ ଉପଲବ୍ଧ ହୋଇଥାଏ । ତାର ପ୍ରତି ବଦଳରେ ଦ୍ରବ୍ୟ ଓ ସେବାକୁ ବିକ୍ରୟ କରି ଜଣେ ଟଙ୍କା ପାଇଥାଏ । ଏହି ବିକ୍ରୟ ଦ୍ରବ୍ୟ ଓ ସେବା ଟଙ୍କା ଆକାରରେ ପରିଣତ ହୋଇ ଅର୍ଥନୈତିକ ସମ୍ବଳ ନାମରେ ପରିଗଣିତ ହୁଏ । ଏହା ମଧ୍ୟ ସୂଚାଏ ଯେ, ଯେତେବେଳେ ଉତ୍ପାଦିତ ଦ୍ରବ୍ୟ ଓ ସେବାର ପରିମାଣ ଅଧିକ ହୁଏ ଏବଂ ସେଗୁଡ଼ିକର ମୂଲ୍ୟରେ ବୃଦ୍ଧି ଘଟି ଆୟର ପରିମାଣ ଅଧିକ ହୁଏ ସେତେବେଳେ ଆମେ କହୁ ଯେ ଆର୍ଥିକ ସମ୍ବଳରେ ଅଭିବୃଦ୍ଧି ଘଟିଛି ।

ଦେଶରେ ଉତ୍ପାଦିତ ଦ୍ରବ୍ୟ ଓ ସେବାରେ ଅଧିକ ବୃଦ୍ଧି ଘଟିଲେ ଓ ସେହି ଉତ୍ପାଦିତ ଦ୍ରବ୍ୟର ବିନିମୟରେ ଦେଶର ଆର୍ଥିକ ଅବସ୍ଥାରେ ଉନ୍ନତି ଘଟି ଦେଶ ଅଧିକ ଶକ୍ତିଶାଳୀ ଓ ବିକଶିତ ହୋଇଥାଏ । ଯେଉଁ ଦେଶ ଯେତେ ଆର୍ଥିକ ପରିମାଣରେ ସମୃଦ୍ଧ ସେ ଦେଶ ସେତେ ଉନ୍ନତ ଓ ବିକାଶନ୍ମୁଖୀ ଭାବରେ ପରିଗଣିତ ହୁଏ । ଯେଉଁ ଦେଶର ଅର୍ଥନୀତି ଯେତେ ଦୁର୍ବଳ ସେ ଦେଶ ସେତେ ଅନୁନ୍ନତ ଓ ଦୁର୍ବଳ ବିବେଚନା କରାଯାଏ ।

ତୁମେ ବର୍ତ୍ତମାନ ଅଧିକ ଉନ୍ନତ ଓ ବିକାଶଶୀଳ ଦେଶ ଓ ଅନୁନ୍ନତ ଓ ଅବିକଶିତ ଦେଶ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିପାରିଥିବ । ତୁମେ ଅଧିକ ବିକଶିତ ଓ ଅନୁନ୍ନତ ଓ କମ୍ ବିକଶିତ ଦେଶମାନଙ୍କର ନାମ କହିପାରିବ କି ? ଏହି ଦୁଇ ପ୍ରକାରର ଦେଶ ବ୍ୟତୀତ ଆମେ ଦେଶକୁ ଆଉ ଏକ ବିଭାଗରେ ନାମିତ କରିପାରିବ । ତାହା ହେଉଛି "ବିକାଶଶୀଳ ଦେଶ" । ଏଠାରେ ଏକ ଆଲୋଚନାର ବିଷୟ ହେଉଛି ଯେ କାହିଁକି କେତେକ ଦେଶ (କ) ବିକଶିତ, (ଖ) ବିକାଶଶୀଳ (ଗ) ଏବଂ କମ୍ ବିକଶିତ । ଏଠାରେ ଏହି ତିନି ଗୋଟି ଶ୍ରେଣୀରେ ଦେଶମାନଙ୍କର ଉଦାହରଣ ଉଲ୍ଲେଖ ଯୋଗ୍ୟ । ତୁମେ ଆଉ କେତେକ ଦେଶର ନାମ ଏହି ତାଲିକାରେ ଉଲ୍ଲେଖ କରିପାରିବ । ମିଳିତ ଜାତିସଂଘ ଅଧିନରେ (UNO) ରେ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଦେଶଗୁଡ଼ିକୁ ସେ ଦେଶର ମୁଣ୍ଡ ପିଛା ଆୟକୁ ସାକ୍ଷରତା ହାର ଏବଂ ଲିଙ୍ଗଗତ ପାର୍ଥକ୍ୟ ସୂଚୀ ଇତ୍ୟାଦିକୁ ଭିତ୍ତି କରି ଏକ ତାଲିକା ପ୍ରସ୍ତୁତ କରିଛି ।

ମାନବ ବିକାଶ ରିପୋର୍ଟ (Human Development Report) ୨୦୧୧ ଆଧାରରେ UNDP ନିମ୍ନଲିଖିତ ଦେଶ ଗୁଡ଼ିକୁ କ୍ରମାନ୍ୱୟରେ ଏକ ତାଲିକାଭୁକ୍ତ କରିଛି ।

| ବିକଶିତ ଦେଶ / ଅର୍ଥନୀତି | ବିକାଶ ଶୀଳ ଦେଶ/ ଅର୍ଥନୀତି | କମ୍ ବିକଶିତ ଦେଶ / ଅର୍ଥନୀତି |
|---|---|---|
| ୧ | ୨ | ୩ |
| କାନାଡ଼ା(୬) | ବ୍ରାଜିଲ୍ (୮୪) | ସୁଜନ (୧୬୯) |
| ଫ୍ରାନ୍ସ (୨୦) | ଭାରତ (୧୩୪) | ଲିବେରିଆ (୧୮୨) |

ଉ.ସ୍ର: ମାନବ ସମ୍ବଳ ବିକାଶ ରିପୋର୍ଟ - UNDP, 2011

ସୂଚନା : ଦେଶଗୁଡ଼ିକୁ ଉଚ୍ଚସ୍ଥାନରୁ ନିମ୍ନ ସ୍ଥାନ ଅର୍ଥାତ୍ ଅଧଃକ୍ରମରେ ସ୍ଥାନିତ କରାଯାଇଛି । ଉ.ସ୍ର:



ଟିପ୍ପଣୀ

କାନାଡ଼ା ୬ଷ୍ଠ ସ୍ଥାନରେ ଏବଂ ଫ୍ରାନ୍ସ ବିଂଶ ସ୍ଥାନରେ ଏବଂ ଲିବେରିଆ ୧୮୨ତମ ସ୍ଥାନରେ HDI ଆଧାରରେ ଅର୍ଥାତ୍ କାନାଡ଼ା ଏବଂ ଫ୍ରାନ୍ସର ମୁଣ୍ଡପିଛା ଆୟ ଅଧିକ, ସାକ୍ଷରତା ହାର ଏବଂ ଲିଙ୍ଗଗତ ପାର୍ଥକ୍ୟ ସୂଚୀ ମଧ୍ୟ ଲିବେରିଆ ତୁଳନାରେ ଅଧିକ କାନାଡ଼ା ଫ୍ରାନ୍ସଠାରୁ ଅଧିକ ବିକଶିତ ଦେଶ ଅଟେ ।

**ଶିକ୍ଷଣ କାର୍ଯ୍ୟ - ୧**

୧. ନିମ୍ନଲିଖିତ ଦେଶଗୁଡ଼ିକର(Human Development Index) ର ତଥ୍ୟ ସଂଗ୍ରହ କର । ଏହି ରିପୋର୍ଟ UNDP ୱେବ୍ ସାଇଟ୍‌ରେ ଉପଲବ୍ଧ । ଏହି ଏକକର ଶେଷଭାଗରେ ଏହା ଦିଆଯାଇଛି ।

(କ) ଜର୍ମାନୀ (ଖ) ଋଷିଆ (ଗ) ଆର୍ଜେଣ୍ଟିନା(ଘ) ଚୀନ୍ (ଙ) ଦକ୍ଷିଣ ଆଫ୍ରିକା

୨. ଉପୋରକ୍ତ ଦେଶଗୁଡ଼ିକୁ ତୁମେ କେଉଁ କେଉଁ ଶ୍ରେଣୀରେ ସ୍ଥାନ ଦେବ -

(କ) ବିକଶିତ

(ଖ) ବିକାଶଶୀଳ

(ଗ) କମ୍ ବିକଶିତ

**୧୧.୫. ବିଦ୍ୟାଳୟ ପରିଚାଳନା ପାଇଁ ଆୟର ଅର୍ଥନୈତିକ ଉତ୍ସ**

**୧୧.୫.୧ : ସରକାର**

ଗୋଟିଏ ଦେଶର, ଆୟର ଆର୍ଥିକ ଉତ୍ସ ସରକାରଙ୍କଠାରୁ ମିଳିଥାଏ । ଯେତେବେଳେ ତୁମେ ସରକାରଙ୍କ କଥା ବିବେଚନା କରିବ, ଏହା ନିମ୍ନଲିଖିତ ବିଭାଗକୁ ସୂଚାଇଥାଏ -

(କ) କେନ୍ଦ୍ର ସରକାର

(ଖ) ରାଜ୍ୟ ସରକାର

(ଗ) ସ୍ୱାୟତ୍ତ ଶାସନ ସରକାର

ଭାରତର ଶାସନ ବ୍ୟବସ୍ଥା, ସଂଘୀୟ ବ୍ୟବସ୍ଥା ଅଟେ । ଅର୍ଥାତ୍ ଭାରତୀୟ ସମ୍ବିଧାନ ଅନୁଯାୟୀ କେନ୍ଦ୍ରରେ କେନ୍ଦ୍ର ସରକାର ଏବଂ ରାଜ୍ୟରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି । ସମ୍ବିଧାନ ଅନୁଯାୟୀ କେନ୍ଦ୍ର ସରକାର ବିଭିନ୍ନ ସୂତ୍ରରୁ ଯଥା :- କର ଆକାରରେ, ଓ ବିଭିନ୍ନ ଲାଭଜନକ ବ୍ୟବସ୍ଥା / ସଂସ୍ଥାଠାରୁ ବାହ୍ୟ ସୂତ୍ରରୁ ମଧ୍ୟ ରାଜସ୍ୱ ଆଦାୟ କରିଥାନ୍ତି । ସେହିପରି କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାର ମଧ୍ୟ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ସୂତ୍ରରୁ ରାଜସ୍ୱ ଆଦାୟ କରିଥାନ୍ତି । ଯଦି ଆମେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ରାଜସ୍ୱକୁ ସଂଯୋଗ କରିବା । ଯେହେତୁ ଏହି ଏକକରେ ଆମେ ଏକ ସ୍ୱତନ୍ତ୍ର ଗୋଷ୍ଠୀ ଭାବେ ସ୍ଥାନୀୟ ସଂସ୍ଥାକୁ ଆଲୋଚନା କରିବା କିନ୍ତୁ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟର ପ୍ରକୃତି ଅନୁସାରେ ଗୋଷ୍ଠୀର ସେବାକୁ ଅନ୍ୟଭାବେ ଆଲୋଚନା କରାଯାଏ । ଏହାକୁ ପରବର୍ତ୍ତୀ ଭାଗରେ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି ।

ଏହି ଦେଖାଯାଇଛି ଯେ "ଶିକ୍ଷା" ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଯୁଗ୍ମ ତାଲିକା ଅନ୍ତର୍ଭୁକ୍ତ ଅଟେ । ଅର୍ଥାତ୍ ଏହା ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ମିଳିତ ଦାୟିତ୍ୱର ଅନ୍ତର୍ଭୁକ୍ତ । ଯାହାକି ଶିକ୍ଷାନୁଷ୍ଠାନର ପରିଚାଳନା ନିମନ୍ତେ ବିଭିନ୍ନ ନିୟମ ପ୍ରଣୟନ ଓ ପରିଚାଳନା କରିଥାନ୍ତି । ଏହି ଶିକ୍ଷାନୁଷ୍ଠାନଗୁଡ଼ିକୁ ପରିଚାଳନା କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି ଏବଂ ଏହି ସଂସ୍ଥାଗୁଡ଼ିକ ସରକାରଙ୍କ ଦ୍ୱାରା ପରିଚାଳିତ ହୁଏ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକ ସରକାରୀ ସାହାଯ୍ୟ ପ୍ରାପ୍ତ

ଟିପ୍ପଣୀ

(Grand - in -aid) ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୁଏ । ବର୍ତ୍ତମାନ ସମୟରେ ବହୁ ସଂଖ୍ୟାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ସ୍ୱୟଂ ଅନୁଦାନପ୍ରାପ୍ତ ଅନୁଷ୍ଠାନ ନାମରେ ପରିଚିତ ହେଉଛି । ଏଗୁଡିକ ବିଭିନ୍ନ ବେସରକାରୀ ସଂଗଠନ, ସଂସ୍ଥା, ଟ୍ରଷ୍ଟ, ସମାଜ ଏବଂ ବ୍ୟବସାୟୀକ ସଂସ୍ଥା ଦ୍ୱାରା ଗଢ଼ି ଉଠିଥାଏ । ଏହି ସଂସ୍ଥାଗୁଡିକର ସ୍ଥାପନା ଏବଂ ପରିଚାଳନା ନିମନ୍ତେ ବର୍ତ୍ତମାନ ସରକାର ଉତ୍ସାହ ପ୍ରଦାନ କରୁଛନ୍ତି ।

ସରକାର ଏଭଳି ଅନୁଷ୍ଠାନ ଗୁଡ଼ିକୁ ଉତ୍ସାହିତ କରିବାର କାରଣ କ'ଣ ହୋଇପାରେ ବୋଲି ଆପଣମାନେ ଭାବୁଛନ୍ତି ?

**୧୧. ୫.୨. ଅନ୍ୟାନ୍ୟ ସଂସ୍ଥା**

ଭାରତରେ ଶିକ୍ଷାର ଦୃଢ ପ୍ରସାର ଘଟୁଛି । ନଗର ଓ ସହରାଞ୍ଚଳରେ ଶିକ୍ଷାର ଥିବା ବହୁବିଧ ଆବଶ୍ୟକତାକୁ ସରକାର (କେନ୍ଦ୍ର ସରକାର ଓ ରାଜ୍ୟ ସରକାର) ଏକାକୀ ଭରଣା କରିପାରିବେନାହିଁ । ଭାରତ ଏକ ବିଶାଳ ଦେଶ । ପ୍ରାଥମିକ ଶିକ୍ଷାପ୍ରଦାନ ନିମନ୍ତେ ଦେଶର କୋଣ ଅନୁକୋଣରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରାଯିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଶିକ୍ଷାଅଧିକାର ଅଧିନିୟମ, ଆର୍.ଟି.ଇ.୨୦୦୯) ୧, ଏପ୍ରିଲ୍ ୨୦୧୦ ମସିହାଠାରୁ ସାରା ଦେଶରେ କାର୍ଯ୍ୟକାରୀ ହେଉଛି । ୬ ରୁ ୧୪ ବର୍ଷ ବୟସର ସମସ୍ତ ପିଲାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାପ୍ରଦାନ କରିବା ଏହି ଅଧିନିୟମର ମୁଖ୍ୟ ଲକ୍ଷ୍ୟ ଅଟେ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀଥିବା ବିଦ୍ୟାଳୟ ଖୋଲାଯିବା ନିମନ୍ତେ ଆମକୁ ଆବଶ୍ୟକୀୟ ଜମି, ଶିକ୍ଷକ, ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ନିତ୍ୟାନ୍ତ ଆବଶ୍ୟକ ଅଟେ । ଏଗୁଡ଼ିକୁ ସରକାର ଏକାକୀ ପୂରଣ କରିବା ନିମନ୍ତେ ବହୁଳ ପରିମାଣରେ ଅର୍ଥ ପ୍ରଦାନ କରିବାରେ ସମର୍ଥ ହୋଇପାରବେ ନାହିଁ । ଏଭଳି ପରିସ୍ଥିତିରେ, ସରକାର ଅନ୍ୟାନ୍ୟ ସଂସ୍ଥାଠାରୁ ଆର୍ଥିକ ସହାୟତା ଲୋଡିଥାନ୍ତି । ବର୍ତ୍ତମାନ ସମୟରେ ବିଭିନ୍ନ ସରକାରୀ ସଂସ୍ଥା, ଅନୁଷ୍ଠାନ, ଟ୍ରଷ୍ଟ, ସମାଜ, ବ୍ୟବସାୟିକ ସଂସ୍ଥା ଏବଂ ଏପରିକି ବାହ୍ୟ ସଂସ୍ଥା ଯଥା : ବିଶ୍ୱ ବ୍ୟାଙ୍କ (World Bank) ମଧ୍ୟ ଦେଶରେ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସହାୟତା ପ୍ରଦାନ କରିଆସୁଛି । ସ୍କୁଲ୍‌ରେ ବିଭିନ୍ନ ପରିଚାଳନା ନିମନ୍ତେ ଯଥା : ବିଦ୍ୟାଳୟ କୋଠାଘର / ଗୃହ, ବିଭିନ୍ନ ସୁବିଧା, ଶିକ୍ଷକମାନଙ୍କର ଦରମା, ବହି, ଇତ୍ୟାଦି ନିମନ୍ତେ ବିଦ୍ୟାଳୟ ଅନ୍ୟାନ୍ୟ ସଂସ୍ଥାମାନଙ୍କଠାରୁ ଅର୍ଥ ଗ୍ରହଣ/ ସଂଗ୍ରହ କରିଥାନ୍ତି ।

**ଶିକ୍ଷଣ କାର୍ଯ୍ୟ - ୨**

୧. ତୁମେ ଗୋଟିଏ ବିଦ୍ୟାଳୟର ଶିକ୍ଷକ ଅଟ । ତୁମ ବିଦ୍ୟାଳୟରେ କେଉଁପ୍ରକାରର ପରିଚାଳନା ବ୍ୟବସ୍ଥା ରହିଛି ?

(କ) ସରକାରଙ୍କ ଦ୍ୱାରା ପରିଚାଳିତ

(ଖ) ସରକାରୀ ସାହାଯ୍ୟ ପ୍ରାପ୍ତ

(ଗ) ବେସରକାରୀ (ଅଣ - ସାହାଯ୍ୟ ପ୍ରାପ୍ତ) ।

(୨) ତୁମ ବିଦ୍ୟାଳୟର ଅର୍ଥ ଆଦାୟର ଉତ୍ସ ଗୁଡ଼ିକୁ ଖୋଜ ।

ଏହାକୁ ବିଭିନ୍ନ ଅର୍ଥପ୍ରଦାନକାରୀ ବିଭାଗରେ ବିଭକ୍ତ କର ।

**୧୧.୫.୩. ସ୍ୱାୟତ୍ତ ଶାସନ**

ଆମ ଦେଶରେ ସ୍ଥାନୀୟ ଶାସନ ବ୍ୟବସ୍ଥା ଯଥା:



ଟିପ୍ପଣୀ

(କ) ମୁନିସିପାଲ ବୋର୍ଡ / କମିଟି (ସହରାଞ୍ଚଳ ପାଇଁ)

(ଖ) ଜିଲ୍ଲା ପରିଷଦ (ଗ୍ରାମାଞ୍ଚଳ ପାଇଁ)

(ଗ) ଗ୍ରାମପଞ୍ଚାୟତ (ଗ୍ରାମପାଇଁ କାର୍ଯ୍ୟ) କରୁଅଛି ।

ଭାରତଭଳି ଏକ ଗଣତାନ୍ତ୍ରିକ ଦେଶରେ ସରକାରଙ୍କର ସ୍ତରୀୟ ଶାସନ ବ୍ୟବସ୍ଥା କାର୍ଯ୍ୟକରୁଛି । କେନ୍ଦ୍ରରେ କେନ୍ଦ୍ର ସରକାର, ରାଜ୍ୟରେ, ରାଜ୍ୟ ସରକାର ଏବଂ ଜିଲ୍ଲା ସ୍ତରରେ ସହରାଞ୍ଚଳପାଇଁ ମୁନିସପାଲ୍ ବୋର୍ଡ୍ / କମିଟି ଏବଂ ଏକ ଜିଲ୍ଲାର ଗ୍ରାମାଞ୍ଚଳ ପାଇଁ ଜିଲ୍ଲାପରିଷଦ ଅଛି । ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ ଏବଂ ବ୍ଲକ ଓ ପଞ୍ଚାୟତ ଗୁଡ଼ିକ ସେହି ଜିଲ୍ଲାର ଜିଲ୍ଲାପାଳମାନଙ୍କଦ୍ୱାରା ପରିଚାଳିତ ହଏ । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରେ ଶାସନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ବିଭିନ୍ନ ବ୍ଲକ ଏବଂ ପଞ୍ଚାୟତ ନାମରେ ନାମିତ କରାଯାଇଛି । ମାତ୍ର ଶାସନର ସୁ- ପରିଚାଳନା ପାଇଁ ଜିଲ୍ଲାମାନଙ୍କୁ କେତେକ ଉପବିଭାଗରେ ବିଭକ୍ତ କରାଯାଇଛି ।

ମୁନିସିପାଲବୋର୍ଡ ବା ଜିଲ୍ଲାପରିଷଦଗୁଡିକ ଆଞ୍ଚଳିକ ସଂସ୍ଥା କୁହାଯାଏ । ଏହି ସ୍ଥାନୀୟ ସଂସ୍ଥା ଗୁଡିକର କେତେଗୁଡିଏ ସ୍ୱତନ୍ତ୍ର ପରିଚାଳନାଗତ ଦାୟିତ୍ୱ ରହିଛି । ଉଦାହରଣ ସ୍ୱରୂପ, ଏହି ସଂସ୍ଥାଗୁଡିକ ନାଗରିକମାନଙ୍କୁ ବିଭିନ୍ନ ସୁବିଧା ଯଥା : ଜଳଯୋଗାଣ, ବିଦ୍ୟୁତ, ଯୋଗାଣ, ସଡକ ଓ ପରିବହନ ବ୍ୟବସ୍ଥା ସ୍ୱାସ୍ଥ୍ୟ ଓ ଶିକ୍ଷା ସେବା ଆଦି ପ୍ରଦାନ କରୁଛି । ଗ୍ରାମାଞ୍ଚଳର ବିକାଶ ନିମନ୍ତେ ଜିଲ୍ଲାକର୍ତ୍ତୃପକ୍ଷଙ୍କଠାରୁ ବିଭିନ୍ନ ଅର୍ଥ ବା ପାଣ୍ଠି ଗୁଡ଼ିକ ପଞ୍ଚାୟତ ଉନ୍ନୟନ କାର୍ଯ୍ୟାଳୟ ଏବଂ ବ୍ଲକ ଉନ୍ନୟନ କାର୍ଯ୍ୟାଳୟ ପଞ୍ଚାୟତ ସମିତିକୁ ଏବଂ ସର୍ବଶେଷରେ ଗ୍ରାମ ପଞ୍ଚାୟତ ଦ୍ୱାରା ଅର୍ଥଗୁଡ଼ିକୁ ବିନିଯୋଗ କରାଯାଇଥାଏ । ଏହି ଅର୍ଥଗୁଡିକର ସୁଷମ ବଣ୍ଟନ ବା ବିକେନ୍ଦ୍ରୀକରଣ ବ୍ୟବସ୍ଥା ଗ୍ରାମର ଉନ୍ନତିରେ ସହାୟକ ହୋଇଥାଏ । ଗ୍ରାମର ଗୋଷ୍ଠୀ ଗୁଡିକ ଗ୍ରାମ ପଞ୍ଚାୟତର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅର୍ଥଗୁଡ଼ିକୁ ବିନିଯୋଗ କରାଯାଇଥାଏ ।

ତୁମ ଅଞ୍ଚଳରେ ଥିବା ଏକ ବିଦ୍ୟାଳୟ ଯାହା ଆଞ୍ଚଳିକ / ସ୍ଥାନୀୟ ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି ତାହାର ସ୍ଥିତି ସମୀକ୍ଷା କର ।

| କ୍ର.ସଂଖ୍ୟା | ବିଦ୍ୟାଳୟର ବିଭାଗୀୟ ଖର୍ଚ୍ଚ | ଆୟର ଉତ୍ସ - | ସମୂହ |
|---|---|---|---|
| ୧ | | | |
| ୨ | | | |
| ୩ | | | |
| ୪ | | | |
| ୫ | | | |
| ୬ | ମୋଟ୍ | | |

ଗୋଷ୍ଠୀ ସମୂହମାନଙ୍କର ଅର୍ଥଦାନ :-

କୌଣସି ଏକ ଉତ୍ତମ ସାମାଜିକ କାର୍ଯ୍ୟରେ ଗୋଷ୍ଠୀଗୁଡ଼ିକ ଅର୍ଥଦାନ କରିବା ଭାରତୀୟ ସଭ୍ୟତାର ଏକ ପରମ୍ପରା ।

ଟିପ୍ପଣୀ

ଧର୍ମଶାଳା, ପଞ୍ଚାୟତ ଘର, ଧର୍ମାନୁଷ୍ଠାନ (ମନ୍ଦିର, ମସ୍‌ଜିଦ,ଗୁରୁଦ୍ୱାର,ଚର୍ଚ୍ଚ) ବିଦ୍ୟାଳୟ, ଔଷଧାଳୟ ଇତ୍ୟାଦିଗୁଡ଼ିକ ସ୍ୱେଚ୍ଛାକୃତ ଅଂଶଦାନ ଗୁଡ଼ିକ ଭିନ୍ନଭିନ୍ନ ରୂପରେ ମିଳିଥାଏ ।

ଯେପରିକି - (୧) କୋଠା ନିର୍ମାଣ ପାଇଁ ଶ୍ରମଦାନ

(୨) କଞ୍ଚାମାଲ୍ ଯୋଗାଇ ଦେବା

(୩) ଅର୍ଥଦାନ

(୪) ଜମିଦାନ

ତୁମେ ନିଜ ଅଞ୍ଚଳରେ ଏପରି ସେଚ୍ଛାକୃତ ଅଂର୍ଥଦାନ ଦେଖିଥିବ । ଏହା ଉତ୍ତମ ଏବଂ ଉଦାରମନା ହେବାର ଏକ ଅଭ୍ୟାସ ଏବଂ ଗୋଟିଏ ମହତ୍ ଉଦ୍ଦେଶ୍ୟ ପାଇଁ ଗୋଷ୍ଠୀପ୍ରତି ଆନୁଗତ୍ୟ ଓ ଆତ୍ମୀୟତା ରଖିବାକୁ ଏହା ସୂଚାଇଥାଏ । ଅଧିକାଂଶ ଲୋକ ଅର୍ଥଦାନ କରୁଥିବାରୁ ସେ ତୁଳନାରେ ଏହି ପ୍ରକାରର ସେଚ୍ଛାକୃତ ଅର୍ଥଦାନ ବେଶୀ ନୁହେଁ ମାତ୍ର ଏହାର ତାତ୍ପର୍ଯ୍ୟ ସର୍ବାଧିକ ଅଟେ ।

**୧୧.୫.୪. ଦାନରୁ ପ୍ରାପ୍ତ ଆୟ:**

ବ୍ୟକ୍ତିବିଶେଷ, କିମ୍ବା ପରିବାର କିମ୍ବା ସମାଜ କୌଣସି ସାଧାରଣ କିମ୍ବା ସ୍ୱତନ୍ତ୍ର ଉଦ୍ଦେଶ୍ୟ ହାସଲ ନିମନ୍ତେ ସଂସ୍ଥାଟିରେ ପରିଚାଳନା ପାଇଁ ସ୍ଥାୟୀ ଆୟର ବ୍ୟବସ୍ଥା କରନ୍ତି । ଏହିଭଳି ବୃତ୍ତିଦାନ ପଛରେ 'Charity' ଏକ ସାମାଜିକ ହିତକାମୀ ଅନୁଷ୍ଠାନ ରୂପେ କାର୍ଯ୍ୟ କରି ଆସୁଅଛି । ଭାରତରେ ବିଦ୍ୟାଳୟ, ମହାବିଦ୍ୟାଳୟରେ ଆଦି ଶିକ୍ଷାନୁଷ୍ଠାନ ଗୁଡ଼ିକ ଆର୍ଥିକ ଅନୁଦାନ ଗ୍ରହଣ କରିଆସୁଛନ୍ତି । ଏହାଦ୍ୱାରା ଆର୍ଥିକ ଅନୁଦାନ କରିବା ପାଇଁ ମଧ୍ୟ ପ୍ରେରଣା ମିଳୁଛି । ଗୋଟିଏ ଅନୁଷ୍ଠାନ କୌଣସି ନିର୍ଦ୍ଦିଷ୍ଟ ଖର୍ଚ୍ଚଭାର ବହନ ନିୟମିତ ଭାବେ କରିଥାନ୍ତି । ଉଦାହରଣ ସ୍ୱରୂପ :-

ଛାତ୍ରବୃତ୍ତି କିମ୍ବା ବିଦ୍ୟାଳୟ ଗୃହର ରକ୍ଷଣାବେକ୍ଷଣା (ସାଧାରଣ ଉଦ୍ଦେଶ୍ୟ) ଧିରେ ଧିରେ ଏ ପ୍ରକାରର ଆର୍ଥିକ ସହଯୋଗିତା କମି କମି ଆସୁଛି କାରଣ କିଛି କିଛି ପରିବାର ବ୍ୟକ୍ତିଗତଭାବେ ଏ ଦିଗରେ କାର୍ଯ୍ୟକରି ଆସୁଛନ୍ତି ।

**୧୧.୫.୫. ସଞ୍ଚୟ :**

କୌଣସି ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବା ପରେ ବଳକା ରହୁଥିବା ଅର୍ଥକୁ ସଞ୍ଚୟ କୁହାଯାଏ । ବିଦ୍ୟାଳୟର ବ୍ୟବସ୍ଥା ଅନୁଯାୟୀ କୌଣସି କାର୍ଯ୍ୟକ୍ରମ ଆୟୋଜନ କରିବାଦ୍ୱାରା ଯଦି ବିଦ୍ୟାଳୟଟି ଆର୍ଥିକ ଅସୁବିଧା ସମ୍ମୁଖୀନ ହୋଇଥାଏ ତେବେ ତାହାକୁ ନିୟମିତ ଭାବରେ ବ୍ଲକ ଅନୁମୋଦିତ ପାଣ୍ଠି ଯୋଗାଇ ଦିଆଯାଏ । ଏହିପାଣ୍ଠିକୁ ପୋଷ୍ଟ ଅଫିସ୍ କିମ୍ବା ବ୍ୟାଙ୍କରେ ଜମା ରଖାଯାଏ । ଏଥିରୁ ମିଳୁଥିବା ସୁଧ ବିଦ୍ୟାଳୟର ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବାରେ ସାହାଯ୍ୟ କରିଥାଏ । ମାତ୍ର ଏ ପ୍ରକାରର ଉପାର୍ଜନ ଧାର୍ଯ୍ୟ ଅଟେ, ଏବଂ ଏହା ନିଅଣ୍ଟିଆ (ସାମୟିକ) ସ୍ଥିତିକୁ ସମ୍ଭାଳିଥାଏ । ଯଥା - ଆୟଠାରୁ ଅଧିକ ବ୍ୟୟ କରିବା । ଆଜି କାଲି ବ୍ଲକ ଅନୁଦାନଗୁଡ଼ିକ କୋଠାନିର୍ମାଣ ତଥା ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ପାଇଁ ଉପଲବ୍ଧ । ତେଣୁ ନିର୍ମାଣ କାର୍ଯ୍ୟରେ ସମୟ ମଧ୍ୟ ଲାଗୁଛି ଫଳରେ ଅର୍ଥ ସଞ୍ଚୟର ସୁଯୋଗ ରହିଥାଏ ।

ସାଧାରଣତଃ ସରକାରୀ ଅନୁଦାନ ପ୍ରାପ୍ତ ଏବଂ ସ୍ୱ- ଆର୍ଥିକ ପରିଚାଳିତ ବେସରକାରୀ ବିଦ୍ୟାଳୟରେ ଏପ୍ରକାର ପରିସ୍ଥିତି ଉପୁଜିଥାଏ. । ଖର୍ଚ୍ଚ ତୁଳନାରେ ଆୟ ଅଧିକଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ସଞ୍ଚୟ

କରିବାରେ ସକ୍ଷମ ହୁଏ । ଏହି ପରି ଶିକ୍ଷାନୁଷ୍ଠାନଗୁଡିକରେ ଆୟର ଏକାଧିକ ଉତ୍ସଥାଏ । ସଞ୍ଚୟ ହିଁ ଗୋଟିଏ ଶିକ୍ଷାନୁଷ୍ଠାନର ଆର୍ଥିକ ସ୍ୱଚ୍ଛଳତାର ସ୍ଥିତିକୁ ସୂଚାଇଥାଏ । ଏହା ବିଦ୍ୟାଳୟର ଉନ୍ନତିମୂଳକ, କାର୍ଯରେ ଲଗାଯାଇପାରେ ।

## ୧୧.୫.୬. ପରୀକ୍ଷା ଫିସ୍ ଓ ଅନ୍ୟାନ୍ୟ ଫିସ୍

ସରକାରୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କଠାରୁ କୌଣସି ପ୍ରକାରର ଫିସ୍ ଆଦାୟ କରାଯାଏ ନାହିଁ । ମାତ୍ର ସରକାରୀ ଅନୁଦାନ ପ୍ରାପ୍ତ ଏବଂ ଅଣଅନୁଦାନ ପ୍ରାପ୍ତ ସ୍କୁଲ ଗୁଡ଼ିକ ବିଭିନ୍ନ ପ୍ରକାରର ଫିସ୍ ଆଦାୟ କରିଛି ।

ଏହି ଫିସ୍ ଗୁଡ଼ିକ ନିମ୍ନୋକ୍ତ ପ୍ରକାରର :-

(କ) ଟ୍ୟୁସନ ଫିସ୍ (ଖ) ପରୀକ୍ଷା ଫିସ୍

(ଗ) କମ୍ପ୍ୟୁଟର ଫିସ୍ (ଘ) ଶିକ୍ଷାର୍ଥୀ ପାଣ୍ଠି ଇତ୍ୟାଦି

ସରକାରୀ ଅନୁଦାନ ପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକ ଉପରୋକ୍ତ ଫିସ୍ ଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଆଦାୟ କରନ୍ତି । ଏ ସବୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥାଏ । ପୁନଶ୍ଚ ଶିକ୍ଷାର୍ଥୀଟି କେଉଁ ଶ୍ରେଣୀରେ ପଢୁଛି ଏହା ମଧ୍ୟ ବିଚାରକୁ ନିଆଯାଏ । ପ୍ରାଥମିକ ସ୍ତରରେ ଏହା କମ୍ ଥାଏ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ଏଥିରେ ବୃଦ୍ଧି ଘଟିଥାଏ । ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ଶିକ୍ଷାର୍ଥୀମାନେ ବିଜ୍ଞାନ ଫିସ୍ ଦିଅନ୍ତି ତତ୍‌ସହିତ ବିଦ୍ୟାଳୟର ସହ - ଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବା ପାଇଁ ମଧ୍ୟ ଫିସ୍ ଦେଇଥାନ୍ତି ।

ସ୍କୁଲ ପ୍ରାୟୋଜିତ କାର୍ଯ୍ୟକ୍ରମର କ୍ଷତି ଭରଣା ବାବଦକୁ ଏହା ଏକ ପ୍ରୟାସ । ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ ନିଅଣ୍ଟିଆ ପରିସ୍ଥିତି ନିୟମ ଅନୁଯାୟୀ ଅନୁଦାନ ମିଳିଥାଏ । ସ୍କୁଲ ମ୍ୟାନେଜମେଣ୍ଟ ଓ ଅନ୍ୟାନ୍ୟ ସୂତ୍ରରୁ ମିଳୁଥିବା ଆର୍ଥିକ ପ୍ରୋତ୍ସାହନ ରାଶିକୁ ବାଦ ଦେଲେ ବଳକା ରାଶିକୁ ଗ୍ରାଣ୍ଟ୍ - ଇନ୍ - ଏଡ୍ ସୂତ୍ରରେ ଦିଆଯାଏ । ଏସବୁ ଫିସ୍‌ଗୁଡ଼ିକ ସରକାରଙ୍କ ଦ୍ୱାରା ପରିଚାଳିତ ହୁଏ । ବେସରକାରୀ ଓ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଏସବୁ ଫିସ୍ ଆଦାୟ କରାଯାଏ ଏବଂ ସରକାରୀ ସ୍କୁଲଠାରୁ ଅଧିକ ମଧ୍ୟ ହୋଇଥାଏ । ଏପରି କାହିଁକି ହଏ ? ଏହାର କାରଣ ଏହି ବିଦ୍ୟାଳୟଗୁଡିକ ସରକାର ଅନୁଦାନ ଗ୍ରହଣ କରନ୍ତି ନାହିଁ । ନିଜେ ଆଦାୟ କରିଥିବା ଫିସ୍‌ରେ ସେମାନେ ନିଜର ବ୍ୟୟଭାର ବହନ କରନ୍ତି । ତାହା ସହିତ ସେମାନେ ଅନ୍ୟାନ୍ୟ ଅତିରିକ୍ତ ଫିସ୍ ମଧ୍ୟ ଆଦାୟ କରିଥାନ୍ତି । ଯଥା ନାମ ଲେଖା ସମୟରେ ନାମ ଲେଖା ଫିସ୍ । ବେଳେବେଳେ ଏହା ପ୍ରଥମ ଶ୍ରେଣୀରୁ ଆରମ୍ଭ ହୁଏ କିମ୍ବା ଅନ୍ୟ କୌଣସି ଶ୍ରେଣୀରେ ମଧ୍ୟ ହୁଏ । ଯେପରି କି ଶ୍ରେଣୀରେ ନାମ ଲେଖା ଯେପରିକି - ପ୍ରାଥମିକରୁ ଉଚ୍ଚ ପ୍ରାଥମିକ ଶ୍ରେଣୀରେ ନାମ ଲେଖା ସମୟରେ ।

- ମାଧ୍ୟମିକରୁ ଉଚ୍ଚ ମାଧ୍ୟମିକ ସ୍ତରରେ ନାମ ଲେଖା ସମୟରେ

ଏହା ସହିତ ବିଦ୍ୟାଳୟ କର୍ତ୍ତୃପକ୍ଷ ବର୍ଷକୁ ଗୋଟିଏ ଥର ବିଦ୍ୟାଳୟ ଉନ୍ନୟନ ଫିସ୍ ମଧ୍ୟ ଆଦାୟ କରନ୍ତି । ବିଦ୍ୟାଳୟର ଭୌତିକ ଯଥା - ଅତିରିକ୍ତ ଶ୍ରେଣୀ କୋଠରୀ, ଲାଇବ୍ରେରୀ ପୁସ୍ତକ କିଣିବା, ବିଜ୍ଞାନ ପରୀକ୍ଷାଗାର, ଆସବାବପତ୍ର କମ୍ପ୍ୟୁଟର ବ୍ୟବସ୍ଥା, ଖେଳପଡ଼ିଆ, ବିଦ୍ୟୁତକରଣ, ପାନୀୟ ଜଳ ସୁବିଧା ପ୍ରେକ୍ଷାଳୟ ଇତ୍ୟାଦିରେ ଉନ୍ନତି ଆଣିବା ପାଇଁ ବିଦ୍ୟାଳୟର ଉନ୍ନୟନ ଫିସ୍ ଆଦାୟ କରାଯାଇଥାଏ ।

ଟିପ୍ପଣୀ

ଏହା କୁହାଯାଇପାରେ ଯେ ଘରୋଇ ଅଣ - ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କଠାରୁ ବହୁପରିମାଣରେ ଚାନ୍ଦା / ଫିସ୍ ଆଦାୟ କରାଯାଇଥାଏ । ଏହି ଆୟର ଉତ୍ସ କେବଳ ଯେ ବିଦ୍ୟାଳୟରେ କାର୍ଯ୍ୟକରୁଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଦରମା ବାବଦରେ ଖର୍ଚ୍ଚ ହୁଏ, ତାହା ନୁହେଁ ବରଂ ଏହା ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ହୋଇଥାଏ । ସେଥିପାଇଁ ଏହି ବିଦ୍ୟାଳୟଗୁଡ଼ିକ ଅନ୍ୟ ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ତୁଳନାରେ ଅଧିକ ମାତ୍ରାରେ ସହ - ପାଠ୍ୟକ୍ରମ କାର୍ଯ୍ୟ ଗୁଡ଼ିକ ସଂଗଠନ କରିଥାଏ । ପିତାମାତାଙ୍କଠାରୁ ଅଧିକ ମାତ୍ରାରେ ଅର୍ଥ ଆଦାୟ କରାଯାଉଥିବାରୁ ଏହି ବିଦ୍ୟାଳୟଗୁଡ଼ିକ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ପ୍ରତି ଅଧିକ ଦାୟିତ୍ୱହୀନ ହୋଇଥାନ୍ତି ।

ଏହି ବିଦ୍ୟାଳୟମାନଙ୍କରେ ଲଗାତର ଅଭିଭାବକ - ଶିକ୍ଷକ ସଂଘ ଏବଂ ମାତୃ ଶିକ୍ଷକ ସଂଘର ବୈଠକରେ ବିଦ୍ୟାଳୟର ଉନ୍ନତି ସଂପର୍କିତ କାର୍ଯ୍ୟକ୍ରମ ଏବଂ ସେମାନଙ୍କ ପିଲାମାନଙ୍କର ବୌଦ୍ଧିକ, ସହ - ବୌଦ୍ଧିକ ଏବଂ ଅନ୍ୟାନ୍ୟ - ପାଠ୍ୟକ୍ରମ କାର୍ଯ୍ୟରେ ଉନ୍ନତି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥାଏ । ଏହି ପ୍ରକାରର ବ୍ୟବସ୍ଥା ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ସଂପର୍କକୁ ଦୃଢୀଭୂତ କରିବା ସହିତ ସମସ୍ତେ ବିଦ୍ୟାଳୟପ୍ରତି ଦାୟିତ୍ୱବାନ ହୋଇଥା'ନ୍ତି ।

## ୧୧.୬. ସାରାଂଶ

ବିଦ୍ୟାଳୟ ପରିଚାଳନା ନିମନ୍ତେ ଏହି ଏକକରେ, ତୁମେମାନେ ବିଭିନ୍ନ ସମ୍ବଳ ଯଥା - ମାନବୀୟ, ଭୌତିକ ଏବଂ ଅର୍ଥନୈତିକ ସମ୍ବଳର ଗୁରୁତ୍ୱ ବିଷୟରେ ଜାଣିଲ । ଆର୍ଥିକ ସମ୍ବଳ / ଅର୍ଥନୈତିକ ସମ୍ବଳ ଅନ୍ତର୍ଗତ, ବିଭିନ୍ନ ଉତ୍ସରୁ ଆଦାୟ ହେଉଥିବା ଅର୍ଥରେ କିପରି ବିଦ୍ୟାଳୟ ପରିଚାଳନା ହୁଏ ତାହାମଧ୍ୟ ତୁମେ ଜାଣିଲ । ଏହି ସମ୍ବଳ ଗୁଡ଼ିକ ବିଭିନ୍ନ ସଂସ୍ଥା, ଗୋଷ୍ଠୀରୁ ସ୍ୱୟଂଦାନ କରାଯାଉଥିବା ଅର୍ଥ ଏବଂ ଦାନରୁ ପ୍ରାପ୍ତ ଆୟ ଇତ୍ୟାଦିରୁ ସଂଗ୍ରହ କରାଯାଇଥାଏ ।

ଯେତେବେଳେ ବିଦ୍ୟାଳୟରେ ହେଉଥିବା ଖର୍ଚ୍ଚରେ ପରିମାଣ ବଢ଼ିଯାଏ ସେତେବେଳେ ସେଗୁଡ଼ିକ ସଞ୍ଚିତ ଅର୍ଥରୁ ଭରଣା କରାଯାଇଥାଏ । ବିଦ୍ୟାଳୟରେ ବଳକା ଅର୍ଥକୁ ପୋଷ୍ଟ ଅଫିସ୍ କିମ୍ବା ବ୍ୟାଙ୍କରେ ପରିଚାଳନା କମିଟି ସଦସ୍ୟଙ୍କ ଦ୍ୱାରା ଜମା ରଖାଯାଇଥାଏ ।

ଏହି ବଳକା ଅର୍ଥର ସୁଧରୁ ବିଦ୍ୟାଳୟର ବିକାଶ ନିମନ୍ତେ ବିନିଯୋଗ କରାଯାଇଥାଏ । ସାଧାରଣତଃ ଏହି ପ୍ରକାରର ବଳକା ଅର୍ଥ (ସଞ୍ଚିତ ଧନ) ସରକାରୀ ଅନୁଦାନ ପ୍ରାପ୍ତ ଏବଂ ବେସରକାରୀ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ଗୋଷ୍ଠୀରୁ ଦାନରୁ ପ୍ରାପ୍ତ ଅର୍ଥ, ସ୍ୱେଚ୍ଛାକୃତ ଦାନ ଏବଂ ଚାନ୍ଦା / ଫିସ୍‌ର ଆୟରୁ ସଂଗୃହିତ କରାଯାଇଥାଏ । ମାତ୍ର ସରକାରୀ ବିଦ୍ୟାଳୟଗୁଡ଼ିକରେ ସରକାରୀ ନୀତି - ନିୟମ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ହେଉଥିବା ଖର୍ଚ୍ଚର ଭରଣା ସରକାରଙ୍କ ନିୟନ୍ତ୍ରଣାଧୀନ ଥିବାରୁ ବେସରକାରୀ ବିଦ୍ୟାଳୟ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଭଳି ଅଧିକ ଆୟର ଉତ୍ସ ନଥାଏ । ସରକାର ମଧ୍ୟ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କର ଅର୍ଥକୁ ନିୟନ୍ତ୍ରଣ କରୁଥିବାରୁ ବେସରକାରୀ ବିଦ୍ୟାଳୟ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଭଳି ଏହାର ଅଧିକ ଆୟର ଉତ୍ସ ନଥାଏ । ସରକାର ମଧ୍ୟ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କର ଅର୍ଥକୁ ନିୟନ୍ତ୍ରଣ କରିଥାନ୍ତି । କିନ୍ତୁ ବେସରକାରୀ ଅଣ -ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକ ଅଧିକ ଅର୍ଥ ଆଦାୟ କରିଥା'ନ୍ତି ଏବଂ ସେଗୁଡ଼ିକର ଅର୍ଥ ଆଦାୟର ଉତ୍ସର ପରିମାଣ ଚାନ୍ଦା / ଫିସ୍ ଆଦାୟରୁ ମିଳିଥାଏ । ଏହି ବିଦ୍ୟାଳୟଗୁଡ଼ିକ ନିମନ୍ତେ ସରକାର ଅର୍ଥ ଆଦାୟର ଉତ୍ସ ନିମନ୍ତେ ନୀତି ନିୟମରେ କୋହଳ ବା ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରି ଶିକ୍ଷାର ବିକାଶ ଓ ପ୍ରସାର ନିମନ୍ତେ

ଉତ୍ସାହିତ କରିଥାନ୍ତି । ଏହା ହେଉଛି ଏକ ପ୍ରକ୍ରିୟା ଯାହା ଦ୍ୱାରା ଶିକ୍ଷାର ବିକାଶ ନିମନ୍ତେ ଗୋଷ୍ଠୀର ଅଂଶଗ୍ରହଣକୁ ଉତ୍ସାହିତ କରିବାକୁ ସୁଯୋଗ / ଅବସର ପ୍ରଦାନ କରିଥାଏ ।

## ୧୧. ୭: ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକସୂଚୀ

* United Nattims Development Programme (UNDP)
Human Development Report - 2011, Web page Link
http:// hdr. cndp. Org/en/statistics/

## ୧୧.୮: ପାଠାନ୍ତ ପ୍ରଶ୍ନାବଳୀ

ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ -

୧- ସ୍ଥାନୀୟ ସଂସ୍ଥା, ଦ୍ୱାରା ପରିଚାଳିତ ବିଦ୍ୟାଳୟର ସାମର୍ଥ୍ୟ ଓ ଦୁର୍ବଳତାର ୫ଟି ଉଦାହରଣ ଚିହ୍ନଟ କର ।

୨- ବେସରକାରୀ ଅଣ -ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କର । ଏହା କିପରି ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତଠାରୁ ଭିନ୍ନ ତାହା ଲକ୍ଷ୍ୟ କର । ଯେକୌଣସି ୫ଟି ଭିନ୍ନତା ଉଲ୍ଲେଖ କର ।

୩ - ତୁମେ କାର୍ଯ୍ୟ କରୁଥିବା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମାନବ ସମ୍ବଳର ଆବଶ୍ୟକତାର ୫ଟି ସର୍ବୋତ୍କୃଷ୍ଟ ପରାମର୍ଶ ଉଲ୍ଲେଖ କର ।

୪- ତୁମ ବିଦ୍ୟାଳୟରେ ଗୋଷ୍ଠୀଦ୍ୱାରା ପ୍ରଦତ୍ତ ସହଯୋଗ ଏବଂ ସହାୟତାର ତାଲିକା ପ୍ରସ୍ତୁତ କର । ଉତ୍ତରକୁ ସଂକ୍ଷିପ୍ତ ଓ ବୁଲେଟ୍ ରେ ଉଲ୍ଲେଖ କର -

- ସ୍ଥାନୀୟ ସଂସ୍ଥା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ବିଦ୍ୟାଳୟକୁ ଆଣିବାରେ ସାହାଯ୍ୟ କରିଥା'ନ୍ତି ।

------------------------------------------------------------------

------------------------------------------------------------------

------------------------------------------------------------------

--------------------

୫. ଶିକ୍ଷଣ ଉତ୍ସଗୁଡ଼ିକ (ମୁଦ୍ରିତ, ଭିଡ଼ିଓ, ଅଡ଼ିଓ, ଇତ୍ୟାଦି) ର ତାଲିକା ପ୍ରସ୍ତୁତ କର ଯେଉଁଗୁଡ଼ିକ ଶିକ୍ଷଣ ନିମନ୍ତେ ଅତିରିକ୍ତ ଉତ୍ସ ଭାବେ ସହାୟତା ପ୍ରଦାନ କରିଥାଏ ।